# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24 August – 2025**

*********************************

## ମୁଖ୍ୟ ସମ୍ବାଦ

- ନିରପେକ୍ଷ ଭାବେ ନିଜ କାର୍ଯ୍ୟ ନିଷ୍ପାଦନ କରିବାକୁ ବାଚସ୍ପତିମାନଙ୍କୁ ପରାମର୍ଶ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

– ନୂଆଦିଲ୍ଲୀରେ ବାଚସ୍ପତି ସମ୍ମିଳନୀକୁ କଲେ ଉଦ୍‌ଘାଟନ

- ସମ୍ବଲପୁରର ଚିପିଲିମାରେ ନୂତନ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ନିଷ୍ପତ୍ତି

– ବଲାଙ୍ଗୀର ଓ ମୟୂରଭଞ୍ଜରେ ହେବ କୃଷି ମହାବିଦ୍ୟାଳୟ

- ଭୁବନେଶ୍ୱରରେ ଆସନ୍ତାକାଲି ଅନୁଷ୍ଠିତ ହେବ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା

BBSR/R/GNR

## ବାଚସ୍ପତି ବୈଠକ

ବାଚସ୍ପତିମାନେ ହେଉଛନ୍ତି ସଦନର ସେବକ। କୌଣସି ଦଳ ପ୍ରତି ପକ୍ଷପାତ ନ କରି ନିରପେକ୍ଷ ଭାବରେ ବାଚସ୍ପତିମାନେ କାର୍ଯ୍ୟ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପରାମର୍ଶ ଦେଇଛନ୍ତି। ନୂଆଦିଲ୍ଲୀ ବିଧାନସଭାରେ ଆଜି ଦୁଇଦିନିଆ ବାଚସ୍ପତିଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ଶାହା କହିଛନ୍ତି...

**- V/O -**

କେନ୍ଦ୍ରୀୟ ବିଧାନସଭାର ପ୍ରଥମ ନିର୍ବାଚିତ ଭାରତୀୟ ବାଚସ୍ପତି ବିଠଲ ଭାଇ ପଟେଲଙ୍କ ଶତବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ବିଧାନସଭା ଓ ବିଧାନ ପରିଷଦର ବାଚସ୍ପତି, ଉପବାଚସ୍ପତି, ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଅଂଶଗ୍ରହଣ କରିଛନ୍ତି। ସମ୍ମିଳନୀରେ ବିଧାନସଭା ପରିଚାଳନା ସମ୍ବନ୍ଧିତ, ମତବିନିମୟ, ସର୍ବୋତ୍ତମ ଅଭ୍ୟାସର ଆଦାନ ପ୍ରଦାନ ସହ କାର୍ଯ୍ୟକାରିତା ନେଇ ଆଲୋଚନା ହେବ। ଏହି ଅବସରରେ ଶ୍ରୀ ଶାହା ବିଠଲ ଭାଇ ପଟେଲଙ୍କ ଉପରେ ଆଧାରିତ ବିରଳ ଅଭିଲେଖାଗାର ରେକର୍ଡ, ଫଟୋ ଏବଂ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହାସହ ଏକ ସ୍ମାରକୀ ଡାକଟିକେଟକୁ ମଧ୍ୟ ଉନ୍ମୋଚିତ କରିଥିଲେ। ବାଚସ୍ପତି ସମ୍ମିଳନୀରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ି ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅଂଶଗ୍ରହଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

BBSR/R

# ପ୍ରତିଷ୍ଠା ଦିବସ

କୃଷି ଆମ ଦେଶରେ ଏକ ବୃତ୍ତି ନୁହେଁ ବରଂ ଦୈନନ୍ଦୀନ ଜୀବନର ଅଂଶ। କୃଷି ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ ଦୃଢ଼ ଭାବରେ ପ୍ରଭାବିତ କରେ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ - ଓ.ୟୁ.ଏ.ଟି.ର ୬୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, କୃଷି ଗ୍ରାମୀଣ ଭାରତର ମେରୁଦଣ୍ଡ। କୃଷି ବିଶ୍ୱବିଦ୍ୟାଳୟରେ ଜ୍ଞାନ ଆଧାର ବିକଶିତ କରିବା, ଉତ୍ତମ ବୈଷୟିକ ଜ୍ଞାନ ସହିତ କୁଶଳୀ ମାନବ ସମ୍ବଳ ସୃଷ୍ଟି ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ବିକଶିତ ଭାରତର ପରିକଳ୍ପନାକୁ ସଫଳ କରିବା ପାଇଁ ନିଯୁକ୍ତିଦାତା ହେବାପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଛନ୍ତି, ରାଜ୍ୟ ସରକାର ସମ୍ବଲପୁର ଚିପିଲିମାଠାରେ ଏକ ନୂତନ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ବଲାଙ୍ଗୀର ଓ ମୟୂରଭଞ୍ଜରେ କୃଷି ମହାବିଦ୍ୟାଳୟ ଓ ସୋନପୁରଠାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ମତ୍ସ୍ୟ

ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩୩ ଜଣ ଅଗ୍ରଣୀ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

Desk

## ବର୍ଜ୍ୟବସ୍ତୁ- ସବୁଜ ଇନ୍ଧନ

ରାଜ୍ୟରେ ବର୍ଜ୍ୟବସ୍ତୁରୁ ସବୁଜ ଇନ୍ଧନ ପ୍ରସ୍ତୁତ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର ଓ କଟକରେ ପ୍ରାଥମିକ ସ୍ତରରେ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ସରକାର ସବୁଜ ଇନ୍ଧନ ପ୍ରସ୍ତୁତ କରୁଥିବା କମ୍ପାନୀକୁ ଜମି ଓ ବର୍ଜ୍ୟବସ୍ତୁ ଯୋଗାଇଦେବେ। ଏ ନେଇ ଖୁବ୍‌ଶୀଘ୍ର ବିଭାଗର ବୈଠକ ବସିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

BBSR (Repeat)

## ବିମାନ ଚଳାଚଳ ସମ୍ମିଳନୀ

ଭୁବନେଶ୍ୱରରେ ଆସନ୍ତାକାଲି ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେବେ। ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇ ପୂର୍ବ ଭାରତରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଥିବା ସୁଯୋଗ ଏବଂ ଆହ୍ୱାନ ସମ୍ପର୍କରେ ଆଲୋଚନା କରିବେ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁଙ୍କ ସହ ଛତିଶଗଡ଼, ବିହାର, ଝାରଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ କେନ୍ଦ୍ରଶାସିତ ଅଂଚଳ

ସମେତ ଓଡ଼ିଶାର ବିମାନ ଚଳାଚଳ ପ୍ରତିନିଧିମାନେ ସମ୍ମିଳନୀରେ ଉପସ୍ଥିତ ରହିବେ।

***Desk***

## ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଭୁବନେଶ୍ୱର ୟୁନିଟ୍-୨୦ାରେ ଶୁଣାଣିକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

Deogarh

## ଲୁନା ସ୍ପେଶରୁମ୍

ଦେବଗଡ଼ ସ୍ଥିତ ପ୍ରଧାନମନ୍ତ୍ରୀ ଶ୍ରୀଜବାହର ନବୋଦୟ ବିଦ୍ୟାଳୟରେ ମହାକାଶ ଉପରେ ଏକ କଳା ସମନ୍ୱିତ ‘ଲୁନା ସ୍ପେଶ୍‌ରୁମ୍’ ନାମକ ବିଜ୍ଞାନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଭୋପାଲ ଏନ୍.ଭି.ଏସ୍.ର ସହକାରୀ କମିଶନର ଲେଖରାଜ ମୀନା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପଟିରେ ଛାତ୍ରମାନେ ଚନ୍ଦ୍ରର ସୂକ୍ଷ୍ମ ବିବରଣୀ ସହିତ ପୁନଃନିର୍ମାଣ କରିଥିଲେ। ପ୍ରକଳ୍ପଟିର ଚନ୍ଦ୍ରପୃଷ୍ଠର ବିଭିନ୍ନ ଦିଗକୁ ପ୍ରଦର୍ଶିତ କରାଯାଇଥିଲା।

Kalahandi/Sambalpur/R/V

# ନୂଆଖାଇ-ସରିଆ ଧାନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ **ସମ୍ବଲପୁର**ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ନିକଟରେ ସରିଆ ଧାନ ଲାଗି କରାଯାଇଛି । ଧାନକୁ କ୍ଷେତରେ ପୂଜାର୍ଚ୍ଚନା କରି କାଟିବା ପରେ ସମଲେଶ୍ୱରୀଙ୍କ ମନ୍ଦିରକୁ ଆଣି ବଲବସ୍‌ପୁରର ଚାଷୀ ସୁବାଷ ବେହେରା ମୁଖ୍ୟ ପୂଜକଙ୍କୁ ଅର୍ପଣ କରିଛନ୍ତି ।

ଏ ସମ୍ପର୍କରେ ଚାଷୀ **ସୁବାଷ ବେହେରା** ପ୍ରତିକ୍ରିୟାରେ କହନ୍ତି....

**- V/O -**

ସମ୍ବଲପୁରରେ ଆସନ୍ତା ୨୮ ତାରିଖରେ ନୂଆଖାଇ ପର୍ବ ପାଳନ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି । ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଦିନ ୧୦ଟା ୩୩ ମିନିଟ୍‌ରୁ ୧୦ଟା ୪୫ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହେବ । ବର୍ଷର ପ୍ରଥମ ଉତ୍ପାଦିତ ନୂଆ ଧାନରୁ ପ୍ରସ୍ତୁତ ନୈବେଦ୍ୟ ନୂଆଖାଇରେ ଇଷ୍ଟଦେବୀଙ୍କଠାରେ ଲାଗି କରାଯିବାର ପରମ୍ପରା ରହିଆସିଛି ।

କଳାହାଣ୍ଡି ଜିଲ୍ଲାରେ ଆଜି ତିନୋଟି ଗ୍ରାମର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକେ ନୂଆଁ ଖାଇଛନ୍ତି । ପାରମ୍ପରିକ ରୀତିରେ ଗାଁରେ ନୂଆଁଖାଇ ପର୍ବ ପରେ ଜୁହାର ଭେଟ୍ କାର୍ଯ୍ୟକ୍ରମ ହୋଇଥିଲା । ସଂସ୍କୃତି ଓ ଭାଇଚାରାର ଏହି ମହାନ ପର୍ବ ଅଞ୍ଚଳବାସୀଙ୍କୁ ଏକାଠି ବାନ୍ଧି ରଖିଛି ।

Desk

# ବାଘ ମୃତ୍ୟୁ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ଧଳାବାଘ ଶାବକର ମୃତ୍ୟୁ ହୋଇଛି । ଗତ ଜୁନ୍ ମାସ ୭ ତାରିଖରେ ବାଘୁଣୀ ମୌସୁମୀଠାରୁ ଜନ୍ମିତ

ଏହି ଶାବକଟି ଜନ୍ମରୁ ରୁଗ୍‌ଣ ଥିଲା । ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଇନ୍‌କ୍ୟୁବେଟରରେ ରଖି ଏହାର ଚିକିତ୍ସା କରାଯାଉଥିଲା ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି । ଶାବକଟିର ମୃତ୍ୟୁପରେ ଧଳାବାଘ ସଂଖ୍ୟା ୫କୁ ହ୍ରାସ ପାଇଛି । ବର୍ତ୍ତମାନ ନନ୍ଦନକାନନରେ ୧୭ଟି ବାଘ ଏବଂ ୧୧ଟି ବାଘୁଣୀ ଅଛନ୍ତି ।

Puri (Repeat)

# ଦାବାଗ୍ନି ଲୀଳା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ପବିତ୍ର ଦାବାଗ୍ନି ଲୀଳା ଅନୁଷ୍ଠିତ ହେବ । ଜନ୍ମାଷ୍ଟମୀ ପରଠାରୁ ଶ୍ରୀମନ୍ଦିରରେ ଚାଲି ଆସୁଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଆଜି ସନ୍ଧ୍ୟା ଧୂପ ପରେ ଏହି ସ୍ୱତନ୍ତ୍ର ନୀତି ନାଟମଣ୍ଡପରେ ଅନୁଷ୍ଠିତ ହେବ । ମହାଜନ ସେବକଙ୍କ ଦ୍ୱାରା ରାମକୃଷ୍ଣ ଆଜ୍ଞାମାଳ ପାଇ ଦକ୍ଷିଣୀଘରୁ ରତ୍ନ ସିଂହାସନରୁ ନାଟ ମଣ୍ଡପରେ ବିଜେ କରିବେ । ଧୂପଦୀପ ନୈବେଦ୍ୟ ପରେ ମାଟି ମଣ୍ଡପ ସାହି ଆଖଡାରୁ ଦାବାଗ୍ନି ରାକ୍ଷାସ ନୀତି ଅନୁଷ୍ଠିତ ହେବ ।

Nuapada

# ରୋଗମହଲା କାର୍ଯ୍ୟକ୍ରମ

**ନୂଆପଡ଼ା** ଜିଲ୍ଲାର ଗ୍ରାମାଞ୍ଚଳରେ ପାରମ୍ପରିକ ରୋଗବହଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗ୍ରାମର ବୟୋଜ୍ୟେଷ୍ଠ ନାଗରିକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଏ ସମ୍ପର୍କରେ ନୂଆପଡା ସମ୍ବାଦଦାତା **ତପନ ରଞ୍ଜନ ଦାସ**ଙ୍କ ରିପୋର୍ଟ...

**- V/O –**

MET/Sambalpur

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ୨୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଉପରମୁଣ୍ଡରେ ପ୍ରବଳ ବର୍ଷାଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୧ ଦଶମିକ ୭/୩ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୨୫ ହଜାର ୨୦୩ ଘନଫୁଟ ଜଳ ପ୍ରବେଶ କରୁଛି । ସେହି ସମୟ ମଧ୍ୟରେ ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୨୫ ହଜାର ୨୦୩ ଘନଫୁଟ ଜଳ ନିଷ୍କାସିତ ହେଉଛି । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି ।

**********************************